# SRI SRI NRUSINGHANATH TEMPLE

INDEX NO-1406/SNS AT- DURGAPALI, P.O.-PAIKMAL,
DIST-BARGARH, PH-7683834862 Web- www.nrusinghanathtemple.in.,
e-mail Id- srisrinrusinghanathtemple@gmail.com


Letter No...230 (3)...                                                  Date...6/9/24

## ଇସ୍ତିହାର

ଏତଦ୍ଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀମାନ ଅତିରିକ୍ତ ସହକାରୀ ହିନ୍ଦୁ ଦେବୋତ୍ତର କମିଶନର, ସମ୍ବଲପୁର ଙ୍କ ଆଦେଶ ନଂ- ୬୯୮, ତା॰ ୦୨/୦୯/୨୦୨୪ ଅନୁଯାୟୀ ନିମ୍ନ କାର୍ଯ୍ୟ ସୂଚୀ ମତେ ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁ ଙ୍କ ଅଧିନସ୍ଥ **ଉନ୍ନୟନ ପାଣ୍ଠି ଚେକ ଗେଟ ( ପାର୍କିଂ ଫିଜ) ଓ ମୋଟର ସାଇକେଲ ଷ୍ଟାଣ୍ଡ** ଆଦି କୁ ଚଳିତ ଆର୍ଥିକ ବର୍ଷ ସକାଶେ ୬ ମାସ ପାଇଁ ନିଲାମ ରେ ଦେବା ପାଇଁ ସ୍ଥିରକୃତ ହୋଇଅଛି । ଏଣୁ ନିଲାମ ନେବାକୁ ଥିବା ଇଚ୍ଛୁକ ବ୍ୟକ୍ତି ତା॰...୧୮.୯.୨୪... ରିଖ ଦିନ...ସନ୍ଧ୍ୟା ୫... ଘଟିକା ସୁଦ୍ଧା ଅମାନତ ଜମା କୁ ବ୍ୟାଙ୍କ ଡ୍ରାଫ୍ଟ କରି ସଂପୃକ୍ତ ଟେଣ୍ଡର ଅଧିକାରୀ ଙ୍କ ଠାରେ ଜମା ଦେଇ ରସିଦ ଗ୍ରହଣ କରିବେ । ଧାର୍ଯ୍ୟ ତାରିଖ ଓ ସମୟ ପରେ ଗ୍ରହଣ କରାଯିବ ନାହିଁ । ଅମାନତ ଜମାକାରୀ ତା॰...୧୯.୯.୨୪... ରିଖ ଦିନ ସକାଳ ୧୦ ଘଟିକା ରୁ ୬ ଘଟିକା ସୁଦ୍ଧା ନିଜର ଡାକ ମୂଲ୍ୟ କୁ ସିଲ କରି ଟେଣ୍ଡର ଅଧିକାରୀ ଙ୍କ ଠାରେ ଜମା ଦେବେ । ତା॰...୨୦.୯.୨୪...ଦିନ ...୧୧... ଘଟିକା ରେ ଟେଣ୍ଡର ଗ୍ରହଣ କାରୀ ଓ ନିଲାମ ଅଧିକାରୀ ଙ୍କ ଉପସ୍ଥିତି ରେ ଖୋଲାଯାଇ ସର୍ବୋଚ ଡାକ ଥିବା ବ୍ୟକ୍ତି ଙ୍କୁ ଦିଆଯିବ । ନିଲାମ ର ସର୍ତ୍ତାବଳୀ ଜାଣିବା ପାଇଁ ମନ୍ଦିର କାର୍ଯ୍ୟଳୟ ରେ ଯୋଗାଯୋଗ କରନ୍ତୁ କିମ୍ବା ମନ୍ଦିର ୱେବ ସାଇଟ **https://nrusinghanathtemple.in/tender/** ରେ ଦେଖନ୍ତୁ । ଟେଣ୍ଡର ଦାଖଲ କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ଟ॰ ୧୦,୦୦୦/- ଜମା ଦେଇ ଟେଣ୍ଡର ଫର୍ମ ମନ୍ଦିର କାର୍ଯ୍ୟଳୟ ରୁ କ୍ରୟ କରି ଟେଣ୍ଡର ପକାଇ ପାରିବେ ।

### ସମ୍ପତ୍ତି ର ବିବରଣୀ

| କ୍ର॰ ନଂ | ସମ୍ପତ୍ତି ର ନାମ | ସମ୍ପତ୍ତି ର ଧାର୍ଯ୍ୟ ମୂଲ୍ୟ | ଅମାନତ ଜମା |
|---|---|---|---|
| ୧. | ଉନ୍ନୟନ ପାଣ୍ଠି ଚେକ ଗେଟ | ୧୪,୦୦,୦୦୦.୦୦ | ୪,୨୦,୦୦୦.୦୦ |
| ୨. | ମୋଟର ସାଇକେଲ ଷ୍ଟାଣ୍ଡ | ୪,୦୦,୦୦୦.୦୦ | ୧,୨୦,୦୦୦.୦୦ |

B.D.O Paikmal-cum-Ideal Trustee
Sri Sri Nrusinghnath Temple
Durgapali, Paikmal, Dist-Bargarh

ବି.ଡି.ଓ ପାଇକମାଳ ତଥା ଟ୍ରଷ୍ଟି ଓ ଟେଣ୍ଡର ଅଧିକାରୀ
ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର

ନିଲାମ ର ସର୍ତ୍ତାବଳୀ

୧. ଲିଜ ରେ ଅଂଶ ଗ୍ରହଣ କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପତ୍ତି ର ଧାର୍ଯ୍ୟ ମୂଲ୍ୟ ର ୩୦% ଟଙ୍କା ଅମାନତ SRI SRI NRUSINGHANATH TEMPLE, Payable – SBI, ପାଇକମାଳ ଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ କରି ତା.୧୮..୮..୨୪.. ରିଖ ସନ୍ଧ୍ୟା ୬ ଘଟିକା ସୁଦ୍ଧା ସମ୍ପୃକ୍ତ ନିଲାମ ଅଧିକାରୀ ଙ୍କ ଠାରେ ଜମା ଦେବେ ଏବଂ ଅମାନତ ଜମା ର ରସିଦ ନେବେ, ଧାର୍ଯ୍ୟ ତାରିଖ ଓ ସମୟ ପରେ ଗ୍ରହଣ କରାଯିବ ନାହିଁ ।

୨. ଇଚ୍ଛୁକ ବ୍ୟକ୍ତି ମନ୍ଦିର କାର୍ଯ୍ୟାଳୟ ରୁ ଟ.୧୦,୦୦୦/- ( ଫେରସ୍ତ ହେବ ନାହିଁ) ଜମା କରି ଟେଣ୍ଡର ଫର୍ମ କ୍ରୟ କରି ଯେଉଁ ଜିନିଷ ଟେଣ୍ଡର ରେ ନେବେ ତାର ଡାକ ମୂଲ୍ୟ କୁ ଟେଣ୍ଡର ପେପର ରେ ଲେଖି ସିଲ କରି ତା.୧୯..୮..୨୪ ସନ୍ଧ୍ୟା ୬.. ଘଟିକା ସୁଦ୍ଧା ନିଲାମ ଅଧିକାରୀ ଙ୍କ ଠାରେ ଜମା ଦେବେ ଟେଣ୍ଡର କାଗଜ ଓ ଲଫାପା ଉପରେ ସଂପୂର୍ଣ୍ଣ ଭାବେ ନିଜର ଠିକଣା ଲେଖିବେ । ଟେଣ୍ଡର କାଗଜ କୁ ଟେଣ୍ଡର ଆବେଦନ କାରି ଓ ନିଲାମ ଅଧିକାରୀ ଙ୍କ ଉପସ୍ଥିତି ରେ ତା..୨୦..୮..୨୪.......... ଦିନ ୧୧ ଘଟିକା ରେ ଖୋଲାଯିବ ଓ ସର୍ବୋଚ ଡାକ ଥିବା ବ୍ୟକ୍ତି ଙ୍କୁ ଦିଆଯିବ ।

୩. ଟେଣ୍ଡର ରେ ଅଂଶ ଗ୍ରହଣ କାରୀ ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର ରେ କୌଣସି ଦେଣ କାର ହୋଇ ନ ଥିବେ ।

୪. ଟେଣ୍ଡର ରେ ପାଇଥିବା ବ୍ୟକ୍ତି ଯଥା ପ୍ରଥମ କିସ୍ତି ୧୫ ଦିନ ମଧ୍ଯ ରେ ଜମା କରି ଦାୟିତ୍ଵ ଗ୍ରହଣ କରିବେ । ଯଦି ଏଥି ରେ ଖିଲାପ କରନ୍ତି ତାହା ହେଲେ ଅମାନତ ଟଙ୍କା ବାଜ୍ୟାପ୍ତ ରଖାଯାଇ ୨ୟ ବ୍ୟକ୍ତି ଙ୍କୁ ଦିଆଯିବ । ସେଥିରେ ମଧ୍ଯ ଖିଲାପ କଲେ ମନ୍ଦିର ନିଜେ ପରିଚାଳନା କରିବ, ଏଥି ରେ କୌଣସି ପ୍ରକାର ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ !

୫. ଅବଶିଷ୍ଟ ଅର୍ଥ କୁ ୨ ମାସ ମଧ୍ଯ ରେ ଜମା ନିଆଯିବ ।

୬. ଟେଣ୍ଡର ସମୟ ରେ ଟେଣ୍ଡର ଅଧିକାରୀ ଙ୍କ ନିଷ୍ପତି ସର୍ବୋଚ୍ଚ ଭାବେ ଗ୍ରହଣୀୟ ହେବ । କୌଣସି କାରଣ ନ ଦର୍ଶାଇ ଟେଣ୍ଡର ଅଧିକାରୀ ସର୍ବୋଚ ଡାକ କୁ ମଧ୍ଯ ରଦ୍ଦ କରିପାରିବେ, କିମ୍ବା ଟେଣ୍ଡର ମଧ୍ଯ ବାତିଲ କରି ପାରିବେ ।

୭. ଟେଣ୍ଡର ଗ୍ରହଣ କାରୀ ମନ୍ଦିର ଟ୍ରଷ୍ଟ ର ନିର୍ଦ୍ଧାରିତ (ଧାର୍ଯ୍ୟ) ମୂଲ୍ୟ ର ଫିଜ ଅସୁଲ କରିବେ, ତା ଠାରୁ ଅଧିକ ନେଇ ପାରିବେ ନାହିଁ । ଏଥିରେ ଖିଲାପ କଲେ ପାଇଥିବା ଟେଣ୍ଡର କୁ ରଦ୍ଦ କରାଯିବ ।

୮. ଟେଣ୍ଡର ଗ୍ରହଣ କାରୀ ମୋଟର ସାଇକେଲ ଷ୍ଟାଣ୍ଡ ଓ ଚେକ ଗେଟ ରେ ଜନ ପ୍ରତିନିଧି, ସରକାରୀ, ସ୍ଥାନୀୟ, ମନ୍ଦିର କମିଟୀ, ସାମ୍ବାଦିକ ପ୍ରତିନିଧି ଙ୍କ ଠାରୁ ଫିଜ ନେଇ ପାରିବେ ନାହିଁ ।

୯. ସର୍ବୋଚ ଡାକ ରେ ନେଇ ଥିବା ବ୍ୟକ୍ତି ସମସ୍ତ ଜିନିଷ ର ନିର୍ଦ୍ଧାରିତ ମୂଲ୍ୟ ତାଲିକା ସାଇନ ବୋର୍ଡ କରି ଲଗାଇବେ ।

୧୦. ସର୍ବୋଚ ଡାକ ରେ ନେଇ ଥିବା ବ୍ୟକ୍ତି ତୀର୍ଥ ଯାତ୍ରୀ ଙ୍କୁ ଉତ୍ତମ ବ୍ୟବହାର ଦେବେ, ଖିଲାପ କଲେ ଟେଣ୍ଡର ବାତିଲ କରାଯିବ ।

୧୧. ସର୍ବୋଚ ଡାକ ରେ ନେଇ ଥିବା ବ୍ୟକ୍ତି ଟେଣ୍ଡର କୁ ଅନ୍ୟ କାହା କୁ ନିଜ ଇଚ୍ଛା ରେ ହସ୍ତାନ୍ତର କରିପାରିବେ ନାହିଁ କି ଅନ୍ୟ ବକେୟା ଲାଗିଥିବା ବ୍ୟକ୍ତି କୁ ରଖି ପାରିବେ ନାହିଁ । ଏହା ଯଦି ଦୃଷ୍ଟି ଗୋଚର କୁ ଆସେ ତାହା ହେଲେ ସମସ୍ତ ଟଙ୍କା ବାଜ୍ୟାପ୍ତ ରଖା ଯାଇ ଟେଣ୍ଡର ରଦ୍ଦ କରାଯିବ ।

୨. ସର୍ବୋଚ ଡାକ ରେ ପାଇଥିବା ବ୍ୟକ୍ତି ଟେଣ୍ଡର ରେ ପାଇଥିବା ମୂଲ୍ୟ ର ଭୂ- ସମ୍ପତ୍ତି ର ପଟା ମନ୍ଦିର ପରିଚାଳନା କମିଟୀ ଠାରେ ଜମା ଦେବା ସହିତ ଷ୍ଟାମ୍ପ ପେପର ରେ ଏଗ୍ରୀମେଣ୍ଟ କରିବେ ।

୧୩. ଟେଣ୍ଡର ଫର୍ମ କ୍ରୟ କରିଥିବା ବ୍ୟକ୍ତି ହିଁ , ଟେଣ୍ଡର ରେ ଅଂଶ ଗ୍ରହଣ କରିପାରିବେ, ଅନ୍ୟ କାହା କୁ ଅଂଶ ଗ୍ରହଣ କରିବା ପାଇଁ ଅଧିକାର ( authorize) ଦେଇପାରିବେ ନାହିଁ । ଟେଣ୍ଡର ଫର୍ମ କ୍ରୟ କରିଥିବା ଟଙ୍କା ଫେରସ୍ତ ହେବ ନାହିଁ ।

୧୪. ଟେଣ୍ଡର ରେ ଅଂଶ ଗ୍ରହଣ କାରୀ ପାଇକମାଲ, ଝାରବନ୍ଧ, ପଦ୍ମପୁର ପଞ୍ଚାୟତ ସମିତି ର ବାସିନ୍ଦା ହୋଇଥିବେ ।

୧୫. କୌଣସି ଟେଣ୍ଡରଧାରୀ କିମ୍ବା କାର୍ଯ୍ୟରତ କର୍ମକର୍ତ୍ତା ମାଦକ ଦ୍ରବ୍ୟ ସେବନ କରି କାର୍ଯ୍ୟ କରନ୍ତି ତାହା ହେଲେ ବିନା ନୋଟିସ ରେ ତାଙ୍କର ଟେଣ୍ଡର କୁ ରଦ୍ଦ କରାଯିବ ।

୧୬. ଟେଣ୍ଡର ନେବାକୁ ଥିବା ଇଚ୍ଛୁକ ବ୍ୟକ୍ତି ଙ୍କ ର ଯେପରି କୌଣସି ପ୍ରକାର ଅପରାଧିକ ମାମଲା ର ପ୍ରମାଣ ନ ଥିବ ସେମାନେ ହିଁ ଟେଣ୍ଡର ପକାଇ ପାରିବେ । ଯଦି ପ୍ରମାଣ ମିଳେ ତାହା ହେଲେ ଟେଣ୍ଡର ରଦ୍ଦ କରାଯିବ ।

୧୭. ଟେଣ୍ଡର ରେ ନେଇଥିବା ବ୍ୟକ୍ତି ଯାହାକୁ ନିଯୁକ୍ତି ଦେବେ ତାର ଆଧାର କାର୍ଡ ସହ ଅନ୍ୟ ପରିଚୟ ପତ୍ର ର କପି ମନ୍ଦିର ପ୍ରଶାସନ କୁ ଦେବେ ।

୧୮. ଟେଣ୍ଡର ରେ ନେଇଥିବା ସମସ୍ତ ବ୍ୟକ୍ତି ଏବଂ ତାଙ୍କର କାର୍ଯ୍ୟରତ କର୍ମକର୍ତ୍ତା ନିଜର ପରିଚୟ ପତ୍ର ପରିଧାନ କରି କାର୍ଯ୍ୟ କରିବେ ।

୧୯. ମୋଟର ସାଇକେଲ ଷ୍ଟାଣ୍ଡ ଓ ଉନ୍ନୟନ ପାଣ୍ଠି ଚେକ ଗେଟ ଟେଣ୍ଡର ଧାରୀ ଗାଡ଼ି ମଟର ସୁବିଧା ରେ ରଖିବା ପାଇଁ ସମସ୍ତ ବ୍ୟବସ୍ଥା କରିବେ ।

୨୦. ମୋଟର ସାଇକେଲ ଷ୍ଟାଣ୍ଡ ଓ ଉନ୍ନୟନ ପାଣ୍ଠି ଚେକ ଗେଟ ଟେଣ୍ଡର ଧାରୀ ଫିଜ ଅସୁଲ କରି ଉପଯୁକ୍ତ ରସିଦ ଦେଇ ଫିଜ ଅସୁଲ କରିବେ । ଟେଣ୍ଡର ଗ୍ରହଣକାରୀ ଙ୍କ ବିନା ଦସ୍ତଖତ ରେ ରସିଦ ଗ୍ରହଣୀୟ ହେବ ନାହିଁ ।

**୧୫. ନିର୍ଦ୍ଧାରିତ ମୂଲ୍ୟ:-**

୧. ବସ, ଟ୍ରକ = ଟ଼ ୭୦.୦୦

୨. ଚାରିଚକିଆ ଗାଡ଼ି = ଟ଼ ୫୦.୦୦

୩. ମୋଟର ସାଇକେଲ = ଟ଼ ୨୦.୦୦

୪. ସାଇକେଲ = ଟ ୧୦.୦୦

**ବି.ଡି.ଓ ପାଇକମାଲ ତଥା ଟ୍ରଷ୍ଟି / ଟେଣ୍ଡର ଅଧିକାରୀ**

**ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର**

B.D.O Paikmal Cum Interim Trustee
Sri Sri Nrusinghnath Temple
Durgapali,Paikmal,Dist-Bargarh